

# ପାଠ – ୭
# ଜଳ ଓ ଆମେ

## ଜଳ ଅମୂଲ୍ୟ ଅଟେ **( Water is precious )**

## ଏହି ଜଳ କେଉଁଠାରୁ ଆସିଲା **( Where did this water come from ) ?**


**କ.** ତୁମେ କେଉଁଠାରେ ଜଳ ଦେଖିଛ, ସେହି ସ୍ଥାନ ମାନଙ୍କର ନାମ ତାଲିକା କର **।** ତୁମେ ତୁମ ନିଜକୁ ପଚାର, ତୁମ ତାଲିକାରେ ଥିବା ସ୍ଥାନରେ ଜଳ କେଉଁଠାରୁ ଆସିଲା **?** ଯଦି ତୁମେ ଉତ୍ତର ଜାଣି ନାହଁ ତେବେ ଅନ୍ୟର ସାହାଯ୍ୟ ନିଅ **। (** କାର୍ଯ୍ୟ ପୁସ୍ତିକାର ପୃଷ୍ଠା **–** ୧୦୨ **)**

**ଖ.** ଜଳ ବର୍ଷା ଆକାରରେ ପଡ଼େ **।** ତୁମ ଘର ପର୍ଯ୍ୟନ୍ତ ଆସିବା ପାଇଁ ଏହାକୁ ଏକ ଲମ୍ବା ଯାତ୍ରା କରିବାକୁ ପଡ଼େ **।** ତୁମ ଶିକ୍ଷକ ଏହି ବିଷୟରେ ବୁଝାଇ ଦେବେ **।** ବର୍ଷା ଜଳ କିପରି ତୁମ ଘରକୁ ଆସେ, ଆଉ ତୁମେ ଏହାକୁ ପିଇବାରେ ବ୍ୟବହାର କର ତାହା ବର୍ଣ୍ଣନା କର **। (**କାର୍ଯ୍ୟ ପୁସ୍ତିକାର ପୃଷ୍ଠା **–** ୧୦୨ **)**ରେ ଏକ ଚିତ୍ର ଅଙ୍କନ କର **।**

## ଆମେ କିପରି ଜଳ ବ୍ୟବହାର କରୁ **( How we use water )**

ତୁମେ ନିଜେ ନିଜେ ଏହି ସବୁ ପ୍ରଶ୍ନର ଉତ୍ତର ଦିଅ **।** ତା' ପରେ ତୁମର ବାପା, ମାଆ, ଜେଜେ ମାଆ ଆଉ ଅନ୍ୟ ବଡ଼ ଲୋକଙ୍କୁ ପଚାର **।** ସେମାନେ ଯେତେବେଳେ ତୁମପରି ଛୋଟ ଥିଲେ, ସେମାନେ ଏହି କାର୍ଯ୍ୟ ଗୁଡ଼ିକୁ କିପରି କରୁଥିଲେ **? (** କାର୍ଯ୍ୟ ପୁସ୍ତିକାର ପୃଷ୍ଠା **–** ୧୦୩ **-** ୧୦୪ **)**


- ଆପଣମାନେ କିପରି ଦାନ୍ତ ସଫା କରୁଥିଲେ **? (** ଦାନ୍ତ କାଠି, ଦାନ୍ତ ମଞ୍ଜନ, ଟୁଥ୍ ପେଷ୍ଟ ଓ ବ୍ରସ୍ **...........)**
- ଆପଣମାନେ କେଉଁଠାରେ ଗାଧୋଉ ଥିଲେ **? (** ନଦୀରେ, ଟ୍ୟାଙ୍କିରେ, ଘରେ**.............................)**
- ଆପଣମାନେ କେଉଁଥାରେ ନିଜ ଶରୀରୀକୁ ସଫା କରୁଥିଲେ **? (** ବେସନ୍, ସାବୁନ**...................)**
- ଆପଣମାନେ କିପରି ବାଳ ସଫା କରୁଥିଲେ **? (** ସିକାକାଇରେ, ଶ୍ୟାମ୍ପୁରେ**.......................)**
- ଆପଣଙ୍କ ଜଳର ସ୍ରୋତ କ'ଣ ଥିଲା **? (** ନଦୀ, ସର୍ବସାଧାରଣ କୂଅଁ, ଘର କୂଅଁ, ସର୍ବସାଧାରଣ ପାଇପ୍, ଘର ପାଇପ୍**..........)**
- ଜଳର ସ୍ରୋତ ଘର ଭିତରେ ନା ବାହାରେ ଥିଲା **?**
- କେତେ ଦୂରରେ ଥିଲା **?**
- କିଏ ଜଳ ଆଣିବାକୁ ଯାଉଥିଲେ **?**
- କେଉଁଠାରେ କପଡ଼ା ସଫା ହେଉଥିଲା **?**
- କେଉଁଥିରେ କପଡ଼ା ସଫା ହେଉଥିଲା **? (** ସୋଡ଼ା, ସାବୁନ୍, ଡିଟରଜେଣ୍ଟ ପାଉଡର**.......)**
- ଆପଣମାନେ କେଉଁ ପ୍ରକାର ଶୌଚାଳୟ ବ୍ୟବହାର କରୁଥିଲେ **? (**ବାହାରେ ଖୋଲା ପଡ଼ିଆରେ, ଶୁଖା ଶୌଚାଳୟ. ଫ୍ଲାସ୍ ଶୌଚାଳୟ**)**



## ୩. ଫସଲ ପାଇଁ ଜଳ **( Water for crops )**

ତୁମେ ଅଞ୍ଚଳରେ ବସବାସ କରୁଛ, ସେହି ଅଞ୍ଚଳରେ ଫସଲକୁ କିପରି ପାଣି ମୁଡ଼ାଯାଏ ଖୋଜି ବାହାର କର **।** କ'ଣ ବର୍ଷା ଜଳ ପର୍ଯ୍ୟାପ୍ତ ହୁଏ କି **?** ଆଉ କେଉଁ ଉପାୟରେ ଜଳ ଚାଷ ଜମିକୁ ଆସେ **?** କିପରି **?** କେଉଁ ଫସଲ ପାଇଁ କମ୍ ପାଣି ଏବଂ କେଉଁ ଫସଲ ପାଇଁ ଅଧିକ ଜଳ ଆବଶ୍ୟକ ହୁଏ **? (** କାର୍ଯ୍ୟ ପୁସ୍ତିକାର ପୃଷ୍ଠା **–** ୧୦୪ **)**

ନିମ୍ନ ଚିତ୍ରରେ କ'ଣ ଘଟୁଛି ବୁଝାଅ **।**



## ୪. ଜଳର ମାପ **( Measuring water )**

କ. ଜାର, ବୋତଲ, ପ୍ୟାକେଟ୍, କ୍ୟାନ୍ ଏବଂ ଟ୍ୟାଙ୍କିକୁ ଦେଖ । ସେଥିରେ କେତେ ପରିମାଣରେ ଜଳ ଧରିବ, ତାହା ଦେଖାଅ । ଏଥିରେ ଥିବା ଦଳର ପରିମାଣକୁ ଏହାର ଆୟତନ କୁହାଯାଏ । ଆମେ ଆୟତନକୁ ଲିଟର ଏବଂ ମିଲିଲିଟର ଏକକରେ ମାପ କରିଥାଉ ।

୧୦୦୦ ମି.ଲି = ୧ ଲି

ଖ. ଗୋଟିଏ ଲିଟର ରୁ ଟିକେ ଅଧିକ ଧରୁଥିବା ପାତ୍ର ବା ଡବା ଖୋଜ । ତୁମ ଶିକ୍ଷକ ସଠିକ ୧ ଲିଟର ଜଳ ପାତ୍ରଟିରେ ପୂରେଇବେ । ଜଳର ସ୍ତରକୁ ଦେଖାଇବା ପାଇଁ ଏକ ସେଲୋଟ୍ୟାପ୍ ସେଥିରେ ଲଗାଇବେ । ( କାର୍ଯ୍ୟ ପୁସ୍ତିକାର ପୃଷ୍ଠା – ୧୦୫ )

## ୫. ଆମେ କେତେ ପରିମାଣର ଜଳ ଆବଶ୍ୟକ କରୁ **( How much water do we need ) ?**

କ. ଅନୁମାନ କର, ୧ କିଲୋଗ୍ରାମ୍ ଚାଉଳ / ଧାନ ଉତ୍ପାଦନ କରିବା ପାଇଁ କେତେ ପରିମାଣର ଜଳ ଆବଶ୍ୟକ ହୋଇଥାଏ । ତୁମ ଅନୁମାନକୁ ଶିକ୍ଷକଙ୍କ ଅନୁମାନ ସହ ଜାଞ୍ଚ କର । ଏହି ଜଳ ସବୁ ଧାନ କ୍ଷେତରେ ରହିଥାଏ କି ? ତୁମେ କ'ଣ ଭାବୁଛ, ଏହା କୁଆଡ଼େ ଯାଏ ?

ଖ. ଅନୁମାନ କର, ତୁମେ ଗାଧେଇବା ପାଇଁ କେତେ ଜଳ ଆବଶ୍ୟକ କର । ତୁମର ଅନୁମାନକୁ ଏକ ମାପ ପାତ୍ର ବ୍ୟବହାର କରି ଜାଞ୍ଚ କର । (କାର୍ଯ୍ୟ ପୁସ୍ତିକାର ପୃଷ୍ଠା – ୧୦୫ )

ଗ. ତୁମ ପରିବାର ପ୍ରତ୍ୟେକ ଦିନ କେଉଁ କେଉଁ ଉପାୟରେ ଜଳ ବ୍ୟବହାର କରନ୍ତି, ତାହାର ଏକ ତାଲିକା ପ୍ରସ୍ତୁତ କର । ଏହି ସବୁ ଅଲଗା ଅଲଗା କାର୍ଯ୍ୟ ପାଇଁ କେତେ ଜଳ ବ୍ୟବହାର କର । ( କାର୍ଯ୍ୟ ପୁସ୍ତିକାର ପୃଷ୍ଠା – ୧୦୫ ) ରେ ନିଜର ଅନୁମାନକୁ ଲିଟର ଏବଂ ମିଲିଲିଟରରେ ବ୍ୟବହାର କରି ଲେଖ ।


## ୬. ଜଳ କେତେ ପରିଷ୍କାର **( How clean is the water ) ?**

ତୁମ ଘର ବା ବିଦ୍ୟାଳୟ ନିକଟରୁ ଅତି କମ୍ ରେ ଦୁଇଟି ସ୍ଥାନରୁ ଗ୍ଲାସ ରେ ଜଳ ସଂଗ୍ରହ କର । ଜଳର ରଙ୍ଗ କ'ଣ ଅଟେ ? ଜଳ ସଫା ନା ଗୋଳିଆ ଦେଖାଯାଉଛି ? ସେଥିରେ କିଛି ଜିନିଷ ଭାସୁଛି କି ? ଜଳର କିଛି ଗନ୍ଧ ଅଛି କି ? ଯଦି ହଁ ତେବେ ସେହି ଗନ୍ଧର ବର୍ଣ୍ଣନା କର ।


କିଛି ସମୟ ପର୍ଯ୍ୟନ୍ତ ଜଳକୁ ଗ୍ଲାସରେ ରଖ । ଗ୍ଲାସ ତଳେ କିଛି ଜିନିଷ ବସି ରହିଛି କି ? ଗୋଟିଏ କପଡ଼ା ମାଧ୍ୟମରେ ଜଳକୁ ଛାଣ । ଦେଖ, କପଡ଼ାରେ କିଛି ରହିଗଲା କି ? ଜଳରେ କିଛି ସାବୁନ ଗୁଣ୍ଡ ପକାଅ ଓ ଶିଘ୍ର ଘାଣ୍ଟ । ସେଠାରେ କିଛି ସାବୁନ ଫେଣ ଅଛି କି ? ଗୋଟିଏ ପାତ୍ରରେ କିଛି ପାଣି ପୂରାଅ ଓ ଦେଖ, ଏହା ବାଷ୍ପିଭୂତ ପରେ ଆଉ କ'ଣ ରହିଯାଏ ? ( କାର୍ଯ୍ୟ ପୁସ୍ତିକାର ପୃଷ୍ଠା – ୧୦୬ )


## ବିଶୁଦ୍ଧ ଜଳ କିପରି ପାଇବା **( How to get clean water )**

କ. କିଛି ଅଶୁଦ୍ଧ ପାଣି ଗ୍ଲାସରେ ରଖି ଦେଖିନିଅ କିଛି ଅପରିଷ୍କାର ଜିନିଷ ତଳେ ବସି ରହୁଛି ?



ଯତ୍ନ ସହକାରେ ଅତି ଧୀରେ ଧୀରେ ଉପରୁ ଜଳକୁ ବାହାର କରି ଦିଅ । ଏହି ପ୍ରକାରେ ଜଳର ବିଶୁଦ୍ଧି କରଣକୁ ଆସ୍ରବଣ କୁହାଯାଏ । ଆସ୍ରବଣ ଦ୍□ାରା ମିଳୁଥିବା ଜଳ ବିଶୁଦ୍ଧ କି ? ତୁମେ ଏହାକୁ କେଉଁଠି ବ୍ୟବହାର କରି ପାରିବ ? ( କାର୍ଯ୍ୟ ପୁସ୍ତିକାର ପୃଷ୍ଠା- ୧୦୬ )
କ'ଣ ତୁମେ ଏହି ନିଗାଡ଼ା ଯାଇଥିବା ପାଣିକୁ ପିଇବ ? କାହିଁକି ବା କାହିଁକି ନୁହେଁ ?
ତୁମ ପାଖରେ ଆଉ କିଛି ଉପାୟ ଅଛି କି ଯାହା ଦ୍□ାରା ଅପରିଷ୍କାର ଜିନିଷ ଶିଘ୍ର ତଳେ ବସିଯିବ ? ତୁମ ବାପା, ମାଆ ଆଉ ଶିକ୍ଷକଙ୍କ ଠାରୁ ଉତ୍ତର ଆଦାୟ କର ।



ଖ. ଏକ ସୂତା କପଡ଼ାରେ ଜଳକୁ ଛାଣି ଦିଅ । ଅଣୁବୀକ୍ଷଣ ଯନ୍ତ୍ରରେ କପଡ଼ା କିପରି ଦେଖାଯାଏ, ତାହାକୁ ଏଠାରେ ବାମ ପାର୍ଶ୍□ରେ ଥିବା ଚିତ୍ରରେ ଦର୍ଶାଯାଇଛି । ପୃଷ୍ଠା- ୬୦ ରେ ଦେଖାଯାଉଥିବା ଜୀବାଣୁ ପରି ଏହି ଚିତ୍ରରେ ମଧ୍ୟ କିଛି ଜୀବାଣୁ ଦେଖାଯାଇଛି । ତୁମେ କ'ଣ ଭାବୁଛ, କପଡ଼ା ଦ୍□ାରା ଛାଣା ପାଣି ବିଶୁଦ୍ଧ ହେବ ? ତୁମେ କ'ଣ ଭାବୁଛ, କପଡ଼ା ମଧ୍ୟ ଦେଇ ଜୀବାଣୁ ଗୋଟିଏ ପାର୍ଶ୍□ରୁ ଆର ପାର୍ଶ୍□କୁ ଅତିକ୍ରମ କରିପାରିବ କି ? କ'ଣ ତୁମେ ଏହି ପାଣିକୁ ପିଇବ ? କାହିଁକି ବା କାହିଁକି ନୁହେଁ ? ( କାର୍ଯ୍ୟ ପୁସ୍ତିକାର ପୃଷ୍ଠା -୧୦୬ )
ଯଦି ଆମେ ସୂତା କପଡ଼ାରେ ୬ ରୁ ୮ ପରସ୍ତ କରି ପାଣିକୁ ଛାଣିବ ତେବେ ଆମେ ଅନେକ ବିଷାକ୍ତ ଅଣୁ ଜୀବାଣୁକୁ ଜଳରୁ ବାହାର କରି ପାରିବା ।


## ପାନୀୟ ଜଳ **( Water for drinking )**

କେବେକେବେ ପାଣି ସଫା ବା ପରିଷ୍କାର ଦେଖାଯାଏ, କିନ୍ତୁ ଏହା ମଧ୍ୟରେ ଅନେକ ଆଖିକୁ ଦେଖା ଯାଉ ନ ଥିବା ରୋଗବାହାକ ଜୀବାଣୁ ରହିଥାନ୍ତି । ଅନେକ ପ୍ରକାର ଅଣୁଜୀବ ଆମର କ୍ଷତି କରନ୍ତି ନାହିଁ, କିନ୍ତୁ ଏମାନଙ୍କ ମଧ୍ୟରୁ କେତେକ ଆମ ପାନୀୟ, ଖାଦ୍ୟ, ଆଉ ନିଶ୍□ାସର ଜଳ ବିନ୍ଧୁରେ ପଶି ଆମକୁ ରୋଗଗ୍ରସ୍ତ କରନ୍ତି । କେତେକ କ୍ଷତି କାରକ ଜୀବାଣୁ ପୃଷ୍ଠା ୬୦ ରେ ଦେଖା ଯାଇଛି । ସେମାନଙ୍କ ଦ୍□ାରା ହେଉଥିବା କେତେକ ରୋଗର ନାମ କହ ।
ଯଦି ତୁମେ ଜଳକୁ ୨୦ ମିନିଟ ପର୍ଯ୍ୟନ୍ତ ଫୁଟାଇବ, ତେବେ ଏଥିରେ ଥିବା ଅଧିକାଂଶ ଜୀବାଣୁ ମରିଯିବେ । ଏହି ପିଇବା ପାଣିକୁ ଏକ ଘୋଡ଼ାଯାଇଥିବା ପରିଷ୍କାର ପାତ୍ରରେ ରଖ । ଖୋଲା ଟ୍ୟାଙ୍କି ଏବଂ ଗର୍ତ୍ତ ମାନଙ୍କରେ ପାଣି ଜମିବାକୁ ଦିଅନାହିଁ । ମଶା ଓ ସିକ୍ତାମାଛି **(Sand flies)** ସେମାନଙ୍କର ଅଣ୍ଡା ସ୍ଥିର ପାଣିରେ ଦେଇଥାନ୍ତି । ଏହି କୀଟପତଙ୍ଗ ରୋଗ ବ୍ୟାପିଥାନ୍ତି । ପିଇବା ପାଣିର ସ୍ରୋତ ପାଖରେ ଏହି କାର୍ଯ୍ୟ କେବେ କରିବେ ନାହିଁ ।

- ଲୁଗା ଏବଂ ବାସନ ସଫା କରିବା
- ଗାଧୋଇବା
- ମଳତ୍ୟାଗ କରିବା
- କଳକାରଖାନାର ଅପରିଷ୍କାର ଜଳ ଛାଡ଼ିବା
- ଗୃହପାଳିତ ପଶୁଙ୍କୁ ସଫା କରିବା

## ୯. ଜଳ ସଂରକ୍ଷଣ କର **(Save water )**

କ. ତୁମେ ଚିନ୍ତାକର, କେଉଁ କେଉଁ ଉପାୟରେ ତୁମ ଘରେ, ବିଦ୍ୟାଳୟରେ ଏବଂ ପଡ଼ିଶାରେ ଜଳକୁ ସଂରକ୍ଷଣ କରି ପାରିବ । (କାର୍ଯ୍ୟ ପୁସ୍ତିକାର ପୃଷ୍ଠା -୧୦୬ )



ଖ. ଜଳ ନଷ୍ଟ ହେବାର ତୁମେ ଦେଖିଛ କି ? ଦେଖିରଖ ତୁମ ନିକଟରେ କେଉଁଠାରେ ଟ୍ୟାପ୍ କିମ୍ବା ପାଇପ୍ ଲିକ୍ ବା ଫାଟି ପଡୁଥିବା ପାଣିକୁ ସଂଗ୍ରହ କର । ସମୟ ଅନୁସାରେ ସଂଗୃହିତ ଜଳକୁ ମାପ କର । ଗୋଟିଏ ଦିନରେ ଟ୍ୟାପ୍ ରୁ କେତେ ଜଳ ଅପଚୟ ବା ନଷ୍ଟ ହାଉଛି ତାହାର ହିସାବ କର । ଜଳ ଅପଚୟ ରୋକିବା ପାଇଁ କିଛି ଉପାୟ କର । ଆବଶ୍ୟକ ନ



ଥିଲେ, ଟ୍ୟାପ୍ କିମ୍ବା ମଟର ପାଇପକୁ
ଖୋଲା ଛାଡ଼ ନାହିଁ । ଯେତେବେଳେ
ତୁମେ ବ୍ରସ୍ କରୁଛ ବା ଗାଧାଉଛ
ପାଣି ଟ୍ୟାପ୍ କୁ ବନ୍ଦ ରଖ ।

ଗ. ବର୍ଷା ଜଳକୁ ସଂଗ୍ରହ ଏବଂ ବ୍ୟବହାରର
ଉପାୟ ପାଇଁ ଚିନ୍ତା କର । ବୃକ୍ଷ ରୋପଣ କର,
ସେମାନେ ଜଳ ସଂରକ୍ଷଣରେ ସାହାଯ୍ୟ କରିଥାନ୍ତି ।

## ଆସ କେତେକ ଶବ୍ଦ ଜାଣିବା

ପୋଖରୀ
ହ୍ରଦ
ଝରଣା
ନଦୀବନ୍ଧ
କେନାଲ
ଚାଷ କାର୍ଯ୍ୟ
କୂଅ
ପାଣି ମଟର
ନଳକୂପ
ସନ୍ତସନ୍ତିଆ ଭୂଇଁ
ନିଶ୍ଚଳ

## ପ୍ରଶ୍ନାବଳୀ

### ନାମ କହ ଓ ଚିତ୍ର ଅଙ୍କନ କର ।

୧. ତୁମ ଘରେ ଏବଂ ବିଧ୍ୟାଳୟରେ ପାଣି ବ୍ୟବହାର ପାଇଁ ଟ୍ୟାଙ୍କି ବା ପାତ୍ର ରଖ । ଅନୁମାନ କର ସେହି ପାତ୍ରରେ କେତେ ପାଣି ଧରିବାର କ୍ଷମତା ଅଛି । ଯଦି ସମ୍ଭବ ନିଜ ଅନୁମାନକୁ ପରଖି ପାର ।

୨. ତୁମେ କିପରି ଜଳ ପାଅ ତାହାକୁ ବର୍ଣ୍ଣନା କର ଏବଂ ଚିତ୍ର ଅଙ୍କନ କର ।

୩. ଏକ ପୋଷ୍ଟର ତିଆରି କରି ସେଥିରେ ଦେଖାଅ, ତୁମେ କିପରି ଜଳ ସଂରକ୍ଷଣ କରି ପାରିବ ?

### ଆନନ୍ଦଦାୟକ ପ୍ରଶ୍ନ

୧. ତୁମେ ଘରେ ପିଉଥିବା ପାଣି, କୂଅ, ନଦୀ, ହ୍ରଦ କିମ୍ବା ଅନ୍ୟ କେଉଁଠାରୁ ଆସେ ?

୨. ନିମ୍ନରେ ଦିଆଯାଇଥିବା ଜଳର ଉତ୍ସକୁ ସାନରୁ ବଡ଼ କ୍ରମରେ ଲେଖ ।
ହ୍ରଦ, ମହାସାଗର, କାକର ବିନ୍ଦୁ, ପୋଖରୀ, ଗର୍ତ୍ତ, ସମୁଦ୍ର

୩. କୂପରୁ ଜଳ ବାହାର କରିବାର ତିନୋଟି ଉପାୟ ଲେଖ ।

୪. ଏମାନଙ୍କ ମଧ୍ୟରୁ କେଉଁଥି ପାଇଁ ସବୁଠାରୁ ଅଧିକ ସଫା ପାଣି ଆବଶ୍ୟକ ଓ କେଉଁଥି ପାଇଁ ଜଳ ଅଧିକ ସଫା ଦରକାର ନାହିଁ ?

୫. ତୁମେ ଦିନକୁ ପ୍ରାୟ କେତେ ଲିଟର ଜଳ ପିଅ ?

୬. ଦାନ୍ତ ଘଷିବା ପାଇଁ ତୁମେ ପ୍ରାୟ କେତେ ମିଲିଲିଟର ଜଳ ଆବଶ୍ୟକ କର ?

୭. କେଉଁ କେଉଁ ଉପାୟରେ ରୋଷେଇ ଘରେ ଜଳ ବ୍ୟବହାର ହୁଏ ?

### ଶ୍ରେଣୀ କୋଠରୀରେ ଆଲୋଚନା

୧. ତୁମ ଘର ନିକଟରେ ତୁମେ ପରିଷ୍କାର ପାନୀୟ ଜଳ ପାଅ କି ? ତୁମ ଗାଁ ର ପ୍ରତ୍ୟେକ ଲୋକ ତୁମର ସାହି ପଡ଼ିଶା ସହଜରେ ପାଣି ପାଇଁ ଲୋକମାନଙ୍କୁ କ'ଣ ଅସୁବିଧା ହେଉଛି ? ଏହି ସମସ୍ୟାକୁ କିପରି ସମାଧାନ ହୋଇ ପାରିବ ?

୨. ତୁମେ କେବେ ଗୋଠିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପାଣି ନେଇଛ କି ? ଏହା ତୁମକୁ କିରିବାକୁ ପଡ଼େ କାହିଁକି ?

୩. ତୁମ ଘରର ଜଣେ କିମ୍ବା ଅଧିକ ବ୍ୟକ୍ତି ତୁମ ସଂପୂର୍ଣ୍ଣ ପରିବାର ପାଇଁ ପାଣି ଆଣନ୍ତି କି ? ସେମାନେ କ'ଣ ସୁନିଶ୍ଚିତ କରେଇବେ କି, ସମସ୍ତଙ୍କ ପାଇଁ ଥିବା ପାଣି ପରିଷ୍କାର ଅଟେ ? କିଏ ଏହି କାମ କରନ୍ତି ଏବଂ ଅନ୍ୟ କେହି ଏହି କାମ କରନ୍ତି  ନାହିଁ କାହିଁକି ?

୪. ତୁମ ପିଇବା ପାଣି ନିଗାଡ଼ା ଯାଇଥିବା ପାଣି କି ? କ'ଣ ଏହା ଛଣା ଯାଇଥିବା ପାଣି କି ? ଏହାକୁ କିଏ ନିଗାଡ଼େ ବା ଛାଣେ ?  କେଉଁଠାରେ  ?  ପାଣି ଛାଣିବାର ଅଲଗା ଅଲଗା ଉପାୟ ସବୁ କ'ଣ ଅଟେ ?

## କ'ଣ ସମାନ ? କ'ଣ ଭିନ୍ନ ?

୧. ଦୁଇଟି ସମାନତା ଓ ଦୁଇଟି ପୃଥକତା ଦର୍ଶାଅ ।

**a)** ପୋଖରୀ ଓ ନଦୀ

**b)** କୂପ ଓ ନଳ କୂପ

୨. ଏମାନଙ୍କ ମଧ୍ୟରୁ ଅଲଗାଟିକୁ ବାଛି ବାହାର କର ।

**a)** ପାଇପ୍, କେନାଲ୍, କୂପ, ଝରଣା

**b)** ସମୁଦ୍ର, ପୋଖରୀ, ନଦୀ, ମହାସାଗର

**c)** ମହାସାଗର, ଯୋର, ହ୍ରଦ, ସମୁଦ୍ର

## କହ ଏବଂ ଲେଖ ।

୧. ଯେତେବେଳେ ଆମ ପାଖରେ ଜଳ ନ ଥିଲା ।

## ପଚାର ଏବଂ ଖୋଜି ବାହାର କର ।

୧. ଆମ ଗାଁ ସହର ଏବଂ ବଡ଼ ନଗରର ବ୍ୟବହାର ପାଇଁ କିପରି ବର୍ଷା ଜଳକୁ ସଂରକ୍ଷଣ କରାଯାଇଛି ? ବଡ଼ ବଡ଼ ସହର ନଦୀ କୂଳ କିମ୍ବା ହ୍ରଦ ନିକଟରେ ଅବସ୍ଥିତ ଅଟନ୍ତି । ସେହିପରି ଅବସ୍ଥିତ କିଛି ସହର ଏବଂ ନଦୀ ଆଉ ହ୍ରଦ ମାନଙ୍କର ନାମ କହ ।

୨. କେତେ ବର୍ଷ ପୂର୍ବେ ତୁମର ଗାଁ, ସହର ଏବଂ ବଡ଼ ସହର / ନଗର ସେହି ଜଳ ସ୍ରୋତ ଗୁଡ଼ିକ ବ୍ୟବହାର କରୁଥିଲେ ଯାହାକୁ ବର୍ତ୍ତମାନ ତୁମେ କରୁଛ ? ସେମାନଙ୍କର ଜଳ ସ୍ରୋତ କ'ଣ ଥିଲା ?

୩. ତୁମ ଅଞ୍ଚଳରେ ପାଣିର ପୁରୁଣା ସ୍ରୋତ ଯେପରି କୂପ, ପୋଖରୀ ଆଦିକୁ ଖୋଜ । କାହିଁକି ଏହି ସ୍ରୋତ ଗୁଡ଼ିକ ଆଉ ବ୍ୟବହାର ହେଉ ନାହିଁ ଏବଂ ଏହାର ବିକଳ୍ପ ବ୍ୟବସ୍ଥା କ'ଣ ହୋଇଛି ?

୪. ବନ୍ୟା ଏବଂ ମରୁଡ଼ିକୁ ଆମେ ରୋକି ପାରିବା କି ?  କିପରି ?

## ଖୋଜି ବାହାର କର ।


୧. ପୃଥିବୀର ୯୭ ପତିଶତ ଜଳ ସମୁଦ୍ର ଏବଂ ମହାସାଗରରେ ଅଛି । ଯେଉଁ ପାଣିକୁ ଆମେ ପିଉଛେ, ଏହା କେବେ ସମୁଦ୍ରରେ ରହିଥିବ । ସେହି ସମୟରେ ଏଥିରେ ଲୁଣ ମିଶି କରି ଥିଲା । ଏହି ପାଣିରୁ ଲୁଣ କିପରି ଅଲଗା ହେଲା ?

୨. ପାଣି ଚପା କାଗଜ **(blotting paper)** ମଧ୍ୟ ଦେଇ ଗତି କରି ପାରେ । ବାଲି ଚପା କାଗଜ ମଧ୍ୟ ଦେଇ ପଶି ପାରେ ନାହିଁ । ମିନି ଚପା କାଗଜ ବ୍ୟବହାର କରି ଏକ କୋନ ତିଆରି କଲା ଏବଂ ଏହାକୁ ଗୋଟିଏ କାହାଳୀ ଉପରେ ରଖି ବାଲି ମିଶ୍ରିତ ପାଣି ଏହା ମଧ୍ୟରେ  ଢାଳିଲା ଜାର୍ ମଧ୍ୟକୁ କ'ଣ ଆସିଲା **?**

- **a)** କେବଳ ବାଲି
- **b)** କେବଳ ପାଣି
- **c)** ବାଲି ଆଉ ପାଣି
- **d)** କିଛି ନୁହେଁ

୩. ପ୍ରତି ସକାଳେ ଅପୁ ଏକ ପାତ୍ରରେ ପାନୀୟ ଜଳ ପୂର୍ଣ୍ଣ କରେ । କେତେକ ସକାଳେ ସେ ଦେଖିଲା ପରିବାରର ଲୋକେ ପାତ୍ର ପାଣିକୁ ପୂରା ଶେଷ କରି ଥିଲେ ।  ଆଉ କେତେକ ସକାଳେ ପାତ୍ରରେ କିଛି ପାଣି ବଳକା ରହି ଥିବାର ପାଇଲା । ଏହି ପରି ସେ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ପାତ୍ରରେ ରହିଥିବା ପାଣିକୁ ମାପି ଏକ ଲେଖଚିତ୍ର **( graph )** ତିଆରି କଲା ।

ପ୍ରତି ସକାଳେ ପାତ୍ରରୁ ମିଳିଥିବା ଜଳ




- **a)** ତାକୁ ୩ ଓ ୫ ମଇରେ କେତେ ଚାମଚ ବା ଡଙ୍କି ଜଳ ମିଳି ଥିଲା **?**
- **b)** ଗୋଟିଏ ଦିନ ତାଙ୍କ ଘରେ ଅତିଥି ଆସିଥିଲେ**,** ଅନୁମାନ କର କେଉଁ ଦିନଟି ଥିଲା **?**
- **c)** ଗୋଟିଏ ଦିନ ସେମାନେ ସମସ୍ତେ ମେଳାକୁ ଯାଇଥିଲେ । ଅନୁମାନ କର କେଉଁ ଦିନଟି ଥିଲା **?**